# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 February – 2026

*************************************

## ମୁଖ୍ୟ ସମ୍ବାଦ

- ଦେଶର ଚାଷୀ ଉତ୍ପାଦନ ସହିତ ଗୁଣବତ୍ତା, ମୂଲ୍ୟ ଶୃଙ୍ଖଳ ଏବଂ ନୂତନ ବଜାର ଉପରେ ଦୃଷ୍ଟି ଦେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

— ଅଙ୍ଗଦାନ କରି ଚିକିତ୍ସା ଗବେଷଣା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଲେ ଆହ୍ୱାନ

- ଝାରସୁଗୁଡ଼ା ଦୁର୍ଘଟଣାରେ ମୃତ ୫ ପୁଲିସ୍ କର୍ମଚାରୀଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- କନ୍ଧମାଳ ଜିଲ୍ଲାର ନୀତିବାଡି ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳି ବିନିମୟରେ ୨ ମାଓବାଦୀ ମୃତ

ଏବଂ

- ସାଇବର ଅଭିଯାନ-କବଚ ଅଧୀନରେ ପୁଲିସ୍ ପକ୍ଷରୁ ୩ ହଜାର ୬୨୫ଟି ବେନାମୀ ବ୍ୟାଙ୍କ ଖାତା ଯାଞ୍ଚ; ୧୮୭ ଗିରଫ

# ମନ୍ କୀ ବାତ୍

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଭବିଷ୍ୟତରେ ଏ.ଆଇ'ର ବ୍ୟବହାର ନେଇ ମାର୍ଗ ସ୍ଥିର କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁ ରାଷ୍ଟ୍ରର ନେତା, ଶିଳ୍ପୋଦ୍ୟୋଗୀ, ନବସୃଜନକାରୀ ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ର ସହିତ ଜଡ଼ିତ ବ୍ୟକ୍ତିବିଶେଷ ଏହି ସମ୍ମିଳନୀରେ ଏକତ୍ରୀତ ହୋଇଥିଲେ । କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ଭାରତ ପ୍ରାଚୀନ ଗ୍ରନ୍ଥ, ପାଣ୍ଡୁଲିପି ଏବଂ ତଥ୍ୟ ସଂରକ୍ଷଣରେ ଗ୍ରହଣ କରିଥିବା ପଦକ୍ଷେପକୁ ବିଭିନ୍ନ ରାଷ୍ଟ୍ର ସ୍ୱାଗତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଚାଷୀ ଏବେ ଉତ୍ପାଦନ ସହିତ ଗୁଣବତ୍ତା, ମୂଲ୍ୟ ଶୃଙ୍ଖଳ ଏବଂ ନୂତନ ବଜାର ଉପରେ ଧ୍ୟାନ ଦେଉଛନ୍ତି । ଓଡ଼ିଶାର ହିରୋଦ ପଟେଲଙ୍କ ଚାଷ କାର୍ଯ୍ୟ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଜମିର ଉଚିତ ବ୍ୟବହାର, ଜଳସଞ୍ଚୟ ଏବଂ ଅତିରିକ୍ତ ଆୟ ସମ୍ଭାବନାକୁ ଶ୍ରୀ ପଟେଲ ସାକାର କରିପାରିଛନ୍ତି । ତାଙ୍କ ଫାର୍ମର ପୋଖରୀ ଉପରେ ଏକ ଦୃଢ଼ ଜାଲି ଗଠନ କରି ସେଥିରେ ଲତା, ପନିପରିବା ଚାଷ କରିଛନ୍ତି ।

ପୋଖରିର ଚାରି ପାଖରେ କଦଳୀ, ଗୁଆ ଏବଂ ନଡ଼ିଆଗଛ ଲଗାଇବା ସହ ପୋଖରିରେ ମାଛ ଚାଷ କରୁଛନ୍ତି ।

**- V/O -**

ଡିଜିଟାଲ ଠକେଇ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। କେ.ଓ୍ୱାଇ.ସି. କିମ୍ବା ପୁନଃ କେ.ଓ୍ୱାଇ.ସି. କେବଳ ବ୍ୟାଙ୍କ ଶାଖା, ସରକାରୀ ଆପ୍ ଏବଂ ନିର୍ଦ୍ଧାରିତ ମାଧ୍ୟମରେ ବ୍ୟବହାର ଓ.ଟି.ପି. ଆଧାର ନମ୍ବର କିମ୍ବା ବ୍ୟାଙ୍କ ଆକାଉଣ୍ଟ ସୂଚନା ଅନ୍ୟ କାହାକୁ ପ୍ରଦାନ ନକରିବାକୁ ପରାମର୍ଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ସମ୍ପ୍ରତି ଏକ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଏଭଳି ଅଭିଯାନ ବର୍ଷ ବ୍ୟାପୀ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି।

ଅଙ୍ଗଦାନ ସମ୍ପର୍କରେ ଆଲୋକପାତ କରି ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିବା ସହିତ ଚିକିତ୍ସା ଗବେଷଣା କ୍ଷେତ୍ରକୁ ଅଧିକ ସଶକ୍ତ କରିବାକୁ ଶ୍ରୀ ମୋଦୀ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

**- V/O -**

ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ ନ ହୋଇ ଆନ୍ତରିକତା ଓ ମାନସିକ ଦୃଢ଼ତାର ସହ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପରିଶ୍ରମର ମୂଲ୍ୟ କେବଳ ମାର୍କସିଟ୍‌ରେ ନିର୍ଦ୍ଧାରିତ ହୁଏ ନାହିଁ ବରଂ ଆତ୍ମବିଶ୍ୱାସ ହିଁ ଛାତ୍ରଛାତ୍ରୀଙ୍କୁ ସଫଳତାର ନୂତନ ଶିଖରରେ ପହଁଞ୍ଚାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି।
ରମଜାନ୍ ଏବଂ ହୋଲି ପର୍ବ ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଭୋକାଲ ଫର୍ ଲୋକାଲ ଦୃଷ୍ଟିକୋଣକୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି।

## ଝାରସୁଗୁଡ଼ା ଦୁର୍ଘଟଣା

**ଝାରସୁଗୁଡ଼ା** ସଦର ଥାନା ନିକଟରେ ଆଜି ପ୍ରତ୍ୟୁଷର ଘଟିଥିବା ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ ଜଣ ପୁଲିସ୍ କର୍ମଚାରୀଙ୍କୁ ସ୍ଥାନୀୟ ପୁଲିସ୍

ରିଜର୍ଭ ପଡିଆଠାରେ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ପରେ ସେମାନଙ୍କର ମରଶରୀରକୁ ନିଜର ପୈତୃକ ଗ୍ରାମକୁ ପଠାଯାଇଛି । ଦୁର୍ଘଟଣାରେ ମୃତ ପୁଲିସ୍ କର୍ମଚାରୀଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ମୃତ ପୁଲିସ୍ କର୍ମଚାରୀଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରାଯାଇଛି ।

ସହରର ସଦର ଥାନା ନିକଟରେ ଆଜି ପୁଲିସ୍ ଗାଡ଼ିକୁ  ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରଲର ଧକ୍କା ଦେବାରୁ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ୩ ଜଣ ଗୁରୁତରଙ୍କୁ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ବିଜେପି କୋର କମିଟି ବୈଠକ

ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଦଳୀୟ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ କୋର କମିଟି ବୈଠକ ଜାରି ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ, ସଂଗଠନର ସାଧାରଣ ସମ୍ପାଦକ, ବରିଷ୍ଠ ମନ୍ତ୍ରୀଙ୍କ ସମେତ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଏବଂ କୋର୍ କମିଟି ସଦସ୍ୟମାନେ ଉପସ୍ଥିତ ଅଛନ୍ତି । ଆସନ୍ତା ରାଜ୍ୟସଭା ନିର୍ବାଚନ, ସାଂଗଠନିକ ପ୍ରସଙ୍ଗ ଉପରେ ଆଲୋଚନା  ହୋଇଥିବା ଜଣାପଡିଛି ।

## ମାଓବାଦୀ ନିହତ

**କନ୍ଧମାଳ** ଜିଲ୍ଲା ରାଇକିଆ ବ୍ଲକ୍ କରଡା ଗ୍ରାମପଂଚାୟତ ନିକଟ ନୀତିବାଡି ଜଙ୍ଗଲରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଦୁଇଜଣ ମାଓବାଦୀ ନିହତ ଏବଂ ଅନ୍ୟ କେତେଜଣ ଆହତ ହୋଇଥିବା ଜଣାପଡିଛି। ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସେମାନଙ୍କଠାରୁ ମାଓ ସାମଗ୍ରୀ ଜବତ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ପକ୍ଷରୁ କମ୍ବିଂ ଅପରେସନ କରାଯାଇଥିଲା। ଗୁଇନ୍ଦା ବିଭାଗର ସୂଚନା ଅନୁସାରେ, କନ୍ଧମାଳ ଜିଲ୍ଲାରେ ବର୍ତ୍ତମାନ ୪୦ରୁ ଅଧିକ ମାଓବାଦୀ ସକ୍ରିୟ ଅଛନ୍ତି। କନ୍ଧମାଳ ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ମାଓପ୍ରବଣ ଜିଲ୍ଲାଗୁଡ଼ିକରେ ମାଓବାଦୀ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ନିଷ୍କ୍ରିୟ ରହିଛି ଏବଂ ରାଜ୍ୟ ସରକାର ଏହିସବୁ ଜିଲ୍ଲାଗୁଡ଼ିକୁ ମାଓମୁକ୍ତ ଜିଲ୍ଲା ଘୋଷଣା କରିଛନ୍ତି। ଖବର ଲେଖାଯିବା ବେଳକୁ କମ୍ବିଂ ଅପରେସନ୍ ଜାରି ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ସାଇବର ଅଭିଯାନ-କବଚ

ଓଡ଼ିଶା ରାଜ୍ୟ ପୁଲିସ୍ ବିଭାଗ ପକ୍ଷରୁ ଗତ ୧୦ ଦିନ ଧରି ଜାରି ରହିଥିବା ସାଇବର ଅଭିଯାନ-କବଚ ଅଧୀନରେ ଅଦ୍ୟାବଧି ୩ ହଜାର ୬୨୫ଟି ବେନାମୀ ବ୍ୟାଙ୍କ ଖାତା ଯାଞ୍ଚ କରାଯାଇଛି ଏବଂ ୧୮୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସାଇବର ଅପରାଧ ଶାଖା ପକ୍ଷରୁ ଜାରି ରହିଥିବା ଏହି ଅଭିଯାନରେ ସିଆଇଡି, କ୍ରାଇମବ୍ରାଞ୍ଚ ସାମିଲ ହୋଇଛନ୍ତି। ସାଇବର ଅପରାଧୀମାନଙ୍କର ଆର୍ଥିକ ଭିତ୍ତିଭୂମିକୁ ଦୁର୍ବଳ କରିବା ଏହି ଅଭିଯାନର ଲକ୍ଷ୍ୟ। ଲୋକମାନଙ୍କୁ ଡିଜିଟାଲ କାରବାର ସୁରକ୍ଷା ପାଇଁ ଓଡ଼ିଶା ପୁଲିସ୍ ପ୍ରତିଶ୍ରୁତିବଦ୍ଧ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା କହିଛନ୍ତି। ସାଇବର

ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡାକଡି ହେବ ବୋଲି ଶ୍ରୀ ଖୁରାନିୟା କହିଛନ୍ତି।

## ଆମ ଗୌରବ ଆମ କଲେଜ

ରାଜ୍ୟ ସରକାରଙ୍କର 'ଆମ ଗୌରମ ଆମ କଲେଜ୍' ଯୋଜନାରେ ୧୧ଟି କଲେଜ୍ ଏବଂ ଗୋଟିଏ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ୧ କୋଟି ୭୩ ଲକ୍ଷ ଟଙ୍କା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଛି। ପାଣ୍ଠି ବିନିଯୋଗ କରାଯାଇ କଲେଜ୍‌ଗୁଡ଼ିକରେ ଇଣ୍ଟରନେଟ୍ ସୁବିଧା, ସିସିଟିଭି ବ୍ୟବସ୍ଥା, ପାଠାଗାର ଓ ପରୀକ୍ଷାଗାର ଗୁଡ଼ିକର ଉନ୍ନତୀକରଣ ଏବଂ କ୍ରୀଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କୁହାଯାଇଛି।

## ଆତ୍ମରକ୍ଷା କୌଶଳ ଶିବିର

ରାଜ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟଗୁଡ଼ିକୁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆୟୋଜନ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ପ୍ରଶିକ୍ଷଣ ଶିବିରର ସମ୍ପୂର୍ଣ୍ଣ ବିବରଣୀ ଏପ୍ରିଲ ମାସ ୩୦ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲରେ ଅପଲୋଡ କରିବା ପାଇଁ କୁହାଯାଇଛି।

## ଶ୍ରମିକ ସହାୟତା

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆପଡା ବାଲିସାହି ପଡିଆଠାରେ ନିର୍ମାଣ ଶ୍ରମିକଙ୍କୁ ସହାୟତାରାଶି ବଣ୍ଟନ କରାଯାଇଛି। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ  ରାଜ୍ୟରେ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ

ଯୋଗଦେଇ ଶ୍ରମିକମାନଙ୍କ ସୁରକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ  କଟକ ଜିଲ୍ଲାର ଯୋଗ୍ୟ ହିତାଧିକାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି।

## ରେଳବାଇ

ଚଳିତ ଆର୍ଥିକବର୍ଷର ୩୧ ଦିନ ପୂର୍ବରୁ ପୂର୍ବତଟ ରେଳବାଇ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ କରି ଦେଶର ପ୍ରଥମ ରେଳମଣ୍ଡଳ ପାଲଟିଛି। ଗତବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦ ପ୍ରତିଶତରୁ ଅଧିକ ମାଲ ପରିବହନ କରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପସଂସ୍ଥାଗୁଡ଼ିକ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ପଣ୍ୟ ପରିବହନ ପରିଚାଳନା ରଣନୀତିକୁ ପ୍ରତିଫଳିତ କରୁଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ବିଶ୍ୱ ସ୍କାଉଟ ଦିବସ

ଯୁବବର୍ଗଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଅନୁଶାସନ ଏବଂ ସମାଜସେବା ଭାବନା ସୃଷ୍ଟି ସହିତ ସ୍କାଉଟିଂ ମୂଲ୍ୟବୋଧକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍କାଉଟ ଦିବସ ପାଳନ କରାଯାଉଛି। ସ୍କାଉଟିଂର ମୁଖ୍ୟ ଆଦର୍ଶ ବାକ୍ୟ ହେଉଛି 'ପ୍ରସ୍ତୁତ ରୁହ'। ସ୍କାଉଟ୍‌ମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପ୍ରତି ସର୍ବଦା ମାନସିକ ଓ ଶାରୀରିକ ସ୍ତରରେ ସଚେତନ ରହିବା ପାଇଁ ପ୍ରେରଣା ଯୋଗାଇଥାଏ। ବିଶ୍ୱରେ ସ୍କାଉଟିଂ ଆନ୍ଦୋଳନର ସଂସ୍ଥାପକ ଲର୍ଡ ରବର୍ଟ ବେଡେନ ଓୟେଲଙ୍କ ଜୟନ୍ତୀ ଉପଲକ୍ଷେ ଆଜିର ଦିନକୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ।

## ପାଣିପାଗ

ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ବୁଧବାର ସୁଦ୍ଧା ତାପମାତ୍ରା ଦୁଇରୁ ତିନି ଡ୍ରିଗୀ ବୃଦ୍ଧି ପାଇବ । ଅନ୍ୟପକ୍ଷରେ, ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡ଼ିକରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଚଳିତବର୍ଷ ଟିଟିଲାଗଡ଼, ଝାରସୁଗୁଡ଼ା, ଭବାନୀପାଟଣା ଆଦି ସହରଗୁଡ଼ିକରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିସାରିଛି । ଭୁବନେଶ୍ୱରରର ସର୍ବୋଚ୍ଚ ତାପମାତ୍ରା ଗତକାଲି ୩୫ ଦଶମିକ ୪ ଡିଗ୍ରୀ ସେଲସିୟସ୍ ଥିଲା ।